# ଆଜି ଅନୁଗୋଳ ଜିଲ୍ଲାରୁ ୧୫୨ ଜଣ କରୋନା ପଜଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୭୮୩୫ରେ ପହଞ୍ଚିଲା - ସୁସ୍ଥ ହେଲେ ୧୪୮ ଜଣ ।

ଆଜି ଅନୁଗୋଳ ଜିଲ୍ଲାରୁ ଗୋଟିଏ ଦିନରେ ୧୫୨ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୪ ରେ ପହଂଚିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ୩୮ ଜଣ ( ୨୮ ଜଣ ପୁରୁଷ ଓ ୧୦ ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୩୩ଜଣ (୨୦ ଜଣ ପୁରୁଷ ଓ ୧୩ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୧୯ଜଣ ( ୯ଜଣ ପୁରୁଷ ଓ ୧୦ଜଣ ମହିଳା), ବଣ୍ଟରପାଳ ବ୍ଲକ୍ ଅଂଚଳରୁ ୧୯ଜଣ ( ୧୮ଜଣ ପୁରୁଷ ଓ ୧ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୧୫ଜଣ ( ୧୩ଜଣ ପୁରୁଷ ଓ ୨ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୪ଜଣ ( ୧୧ଜଣ ପୁରୁଷ ଓ ୩ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୭ଜଣ ( ୫ଜଣ ପୁରୁଷ ଓ ୨ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୫ଜଣ ( ୩ଜଣ ପୁରୁଷ ଓ ୨ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୧ଜଣ ( ୧ଜଣ ପୁରୁଷ ) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୧ଜଣ ( ୧ଜଣ ପୁରୁଷ) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୧୪୮ ଜଣ ସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୫ଜଣ କୋଭିଡ ହସପିଟାଲରୁ, ୨ ଜଣ କୋଭିଡ କେୟାର ସେଣ୍ଟରରୁ ଓ ୧୩୧ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

ଆଜି ଅପରାହ୍ନରେ  ଜିଲ୍ଲାପାଳ  ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ  କୋଭିଡ-୧୯ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନାକୁ ନେଇ ସମୀକ୍ଷା କରିଥିଲେ । ରାପିଡ୍ ରେସପନସ ଟିମ୍ ପ୍ରତ୍ୟେକ ଆକ୍ରାନ୍ତଙ୍କ ନିକଟରେ ପହଞ୍ଚିପାରୁଛି କି  ନାହିଁ  ଓ ଡାକ୍ତରଙ୍କ ଦ୍ୱାରା ତାଂକର ସ୍ୱାସ୍ଥ୍ୟ ଯାଞ୍ଚ କରି ମେଡିସିନ୍  କିଟ୍ ପ୍ରଦାନ କରାଯିବା ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ  ।  ଆସନ୍ତା ପାର୍ବଣ ସମୟରେ ମଣ୍ଡପ ଗୁଡିକରେ ଜମା ହେଉଥିବା ଲୋକମାନଂକ ସ୍ୱାସ୍ଥ୍ୟ ଯାଞ୍ଚ କରି ସେମାନଂକର କୋଭିଡ ପରିକ୍ଷା କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି  ।  ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଦୋକାନଗୁଡିକରୁ କରୋନା ପଜିଟିଭ ବାହାରୁ ଥିବାରୁ ଆସନ୍ତାକାଲି ସେଗୁଡିକୁ ବନ୍ଦ କରାଯିବ  ।  ସେହିପରି ତାଳଚେର କୋଭିଡ ହସପିଟାଲର ସଠିକ୍ ପରିଚାଳନା ,ଶୌଚାଳୟ, ସଫାସୁତରା,ଡାକ୍ତରଙ୍କ ପରିଦର୍ଶନ ଓ  ପ୍ରତ୍ୟେକ ଦିନର ଖାଦ୍ୟର ଫଟୋ  ନିୟମିତ ଗ୍ରୁପ୍‌ରେ ପଠାଇବାକୁ ପରାମର୍ଶ ଦିଆଯାଇଛି  । ହସପିଟାଲରେ ଆକ୍ରାନ୍ତମାନଂକ  ସହ ସେମାନଂକର ଆତ୍ମୀୟମାନେ ଯେପରି ମିଳାମିଶା ନ  କରିପାରନ୍ତି  ସେଥିପାଇଁ ନିରାପତ୍ତା ବ୍ୟବସ୍ଥାକୁ କଡାକଡି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୬୯୩   ତା.୨୧.୧୦.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି  ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା। ।

[signature] ୨୧।୧୦।୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ